# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

**29 December - 2024**

**News Editor : *Itishree Singh Rathaur***

---

## ମନ୍ କୀ ବାତ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ପୂର୍ବାହ୍ନ ୧୧ଟାରେ ଆକାଶବାଣୀର ମନ୍ କି ବାତ୍ କାର୍ଯ୍ୟକ୍ରମରେ ଦେଶବାସୀଙ୍କ ସହ ଭାବ ବିନିମୟ କରିବେ। ଏହା ହେଉଛି ମନ୍ କୀ ବାତ୍ କାର୍ଯ୍ୟକ୍ରମର ୧୧୭ତମ ସଂସ୍କରଣ । ଏହି କାର୍ଯ୍ୟକ୍ରମ ଆକାଶବାଣୀ ଓ ଦୂରଦର୍ଶନର ସମସ୍ତ କେନ୍ଦ୍ର, ଆକାଶବାଣୀ ସମ୍ବାଦ ୱେବ୍‌ସାଇଟ୍ ଓ ନ୍ୟୁଜ୍ ଅନ୍ ଏ.ଆଇ.ଆର୍. ମୋବାଇଲ୍ ଆପ୍‌ରେ ଉପଲବ୍ଧ ହେବ।

ଆକାଶବାଣୀ ସମ୍ବାଦ, ଡି.ଡି. ନ୍ୟୁଜ୍, ପି.ଏମ୍.ଓ. ଏବଂ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ୟୁଟ୍ୟୁବ୍ ଚ୍ୟାନେଲ୍‌ରେ ମନ୍ କୀ ବାତ୍ କାର୍ଯ୍ୟକ୍ରମର ଲାଇଭ୍ ଷ୍ଟ୍ରିମିଙ୍ଗ୍ ହେବ। ପ୍ରଧାନମନ୍ତ୍ରୀଙ୍କର ସମ୍ବୋଧନ ପରେ ପରେ ଆଞ୍ଚଳିକ ଭାଷାରେ ମନ୍ କୀ ବାତ୍ ପ୍ରସାରଣ କରାଯିବ। ରାତି ୮ଟାରେ ଆଞ୍ଚଳିକ ଭାଷାନ୍ତରଣର ପୁନଃ ପ୍ରସାରଣ କରାଯିବ।

## ଧର୍ମେନ୍ଦ୍ର ପ୍ରଧାନ-ଆଇଆଇଟି

ଏକବିଂଶ ଶତାବ୍ଦୀ ଜ୍ଞାନ ଆଧାରିତ ଅର୍ଥନୀତି ହେବ ବୋଲି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି । ଆଇ.ଆଇ.ଟି ଭୁବନେଶ୍ୱରର

ସମାବର୍ତ୍ତନ ସମାବେଶରେ ଯୋଗଦେଇ ଶିକ୍ଷାମନ୍ତ୍ରୀ  ଗବେଷଣା କ୍ଷେତ୍ରକୁ ଅଧିକ ତ୍ୱରାନ୍ୱିତ କରିବାକୁ ପରାମର୍ଶ ଦେଇଛନ୍ତି । ଅନୁସନ୍ଧାନ ଏବଂ ଉଦ୍ଭାବନକୁ ଅଧିକ ସୁଦୃଢ କରିବା ଉପରେ ମନ୍ତ୍ରୀ ଶ୍ରୀ ପ୍ରଧାନ ଗୁରୁତ୍ୱ ଦେଇଛନ୍ତି । ସେ କହିଛନ୍ତି, ଡିଜିଟାଲ ପେମେଣ୍ଟରେ ଭାରତ ବିଶ୍ୱରେ ଅନ୍ୟ ଦେଶ ତୁଳନାରେ ଅଗ୍ରଣୀ ରହିଛି । ବିକଶିତ ଭାରତ ଏବଂ ବିକଶିତ ଓଡିଶା ଗଠନରେ ବ୍ରତୀ ହେବାକୁ ଶ୍ରୀ ପ୍ରଧାନ ଯୁବବର୍ଗଙ୍କୁ ଆହ୍ୱାନ ଦେଇଛନ୍ତି ।

## ମୁଖ୍ୟମନ୍ତ୍ରୀଙ୍କ ଗଞ୍ଜାମ ଗସ୍ତ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଆଜି ଗଞ୍ଜାମ ଜିଲ୍ଲା ଗସ୍ତରେ ଯାଇ ଫସଲ କ୍ଷୟକ୍ଷତି ନେଇ ଏକ ସମୀକ୍ଷା ବୈଠକରେ ଯୋଗଦେବେ । ରଙ୍ଗେଇଲୁଣ୍ଡା ଏବଂ ଛତ୍ରପୁର ବ୍ଲକ ଅଞ୍ଚଳକୁ ଯାଇ ଫସଲ କ୍ଷୟକ୍ଷତିର ସ୍ଥିତି ସମୀକ୍ଷା କରିବେ । ଫସଲ ବୀମାରାଶି ଚାଷୀଙ୍କୁ ପ୍ରଦାନ ନେଇ ତ୍ୱରିତ ପଦକ୍ଷେପ ଗ୍ରହଣ ଉପରେ ଜିଲ୍ଲାସ୍ତରୀୟ ଅଧିକାରୀଙ୍କ ସହ ଆଲୋଚନା କରିବାର କାର୍ଯ୍ୟସୂଚୀ ରହିଛି ।

## ନୂଆବର୍ଷ ପାଇଁ ଶ୍ରୀମନ୍ଦିରର ବ୍ୟାପକ ପ୍ରସ୍ତୁତି

୨୦୨୪କୁ ବିଦାୟ ଏବଂ ୨୦୨୫କୁ ସ୍ୱାଗତ ପରିପ୍ରେକ୍ଷୀରେ ପୁରୀ ଶ୍ରୀମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡକୁ ଦୃଷ୍ଟିରେ ରଖି ମନ୍ଦିର ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି । ରତ୍ନଭଣ୍ଡାର ମରାମତି କାର୍ଯ୍ୟକୁ ଆସନ୍ତା

୨ ତାରିଖ ପର୍ଯ୍ୟନ୍ତ ସ୍ଥଗିତ ରଖାଯାଇଛି । ଶ୍ରୀ ଜୀଉଙ୍କ ଦର୍ଶନକୁ ସୁବ୍ୟବସ୍ଥିତ କରିବା ଲକ୍ଷ୍ୟରେ ନାଟମଣ୍ଡପରୁ ଅନଧିକୃତ ଅବରୋଧଗୁଡିକୁ ହଟାଇ ଦିଆଯାଇଛି । ଆସନ୍ତା ମଙ୍ଗଳବାର ଏବଂ ବୁଧବାର ଠାକୁରଙ୍କର ଶୃଙ୍ଖଳିତ ନୀତିକାନ୍ତି ନେଇ ସେବାୟତଙ୍କ ସହ ଆଲୋଚନା ହୋଇଛି ବୋଲି ଶ୍ରୀମନ୍ଦିର ପ୍ରଶାସନ ସୂଚନା ଦେଇଛି । ଶ୍ରୀମନ୍ଦିର ପରିଚାଳନା କମିଟି ଗଠନ ନେଇ ଆଇନ ବିଭାଗ ପକ୍ଷରୁ ମନ୍ଦିର ପ୍ରଶାସନକୁ ମାର୍ଗଦର୍ଶିକା ଜାରି କରାଯାଇଥିବା ଜଣାପଡିଛି ।

# ପ୍ରବାସୀ ଭାରତୀୟ ଦିବସ

ପ୍ରବାସୀ ଭାରତୀୟ ଦିବସ ପାଳନ ପରିପ୍ରେକ୍ଷୀରେ ରାଜ୍ୟର ସରକାରୀ ଏବଂ ଘରୋଇ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତାର ଆୟୋଜନ କରାଯାଉଛି । ଏଥିପାଇଁ ଓଡିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ ପକ୍ଷରୁ ସମସ୍ତ ଜିଲ୍ଲା ଏବଂ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କୁ ଅବଗତ କରାଯାଇଛି । ଅଷ୍ଟମରୁ ଦ୍ୱାଦଶ ଶ୍ରେଣୀ ଛାତ୍ରଛାତ୍ରୀ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିପାରିବେ । ପ୍ରବାସୀ ଭାରତୀୟଙ୍କ ସଫଳତା ଏବଂ ବିକାଶଶୀଳ ଭାରତରେ ସେମାନଙ୍କ ଅବଦାନ ପ୍ରସଙ୍ଗକୁ ନେଇ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଆୟୋଜନ କରାଯିବ । ଏଥିପାଇଁ ଏକ ସ୍ୱତନ୍ତ୍ର ମାର୍ଗଦର୍ଶିକା ଜାରି ହୋଇଛି ।

# ଧାନମଣ୍ଡି

ଚଳିତ ଖରିଫ ଋତୁ ପାଇଁ ସମ୍ବଲପୁର ଜିଲ୍ଲାରେ ଧାନ କିଣା ପ୍ରକ୍ରିୟା ଜାରି ରହିଛି । ଧାନ ସଂଗ୍ରହ ପାଇଁ ଜିଲ୍ଲାରେ ମୋଟ ୧୨୯ଟି ବଜାର ପ୍ରାଙ୍ଗଣ ବ୍ୟବସ୍ଥା କରାଯାଇଛି । ଏ ସମ୍ପର୍କରେ ସୂଚନା ଦେଇ ଆମ ସମ୍ବଲପୁର ସମ୍ବାଦଦାତା ଗୁଣମଣି ବିଶ୍ୱାଳ କହିଛନ୍ତି -V/0

# ବର୍ଷା କ୍ଷୟକ୍ଷତି ପଞ୍ଜୀକରଣ

ଅଦିନିଆ ବର୍ଷାଜନିତ ଫସଲ କ୍ଷୟକ୍ଷତିର ସୂଚନା ପଞ୍ଜୀକରଣ ପାଇଁ ଆଜି ହେଉଛି ଶେଷ ତାରିଖ। କୃଷିରକ୍ଷକ ଆପ୍ କିମ୍ବା ହେଲପଲାଇନ ନମ୍ବର-୧୪୪୪୭ରେ କ୍ଷତିଗ୍ରସ୍ତ ଚାଷୀ ପଞ୍ଜୀକରଣ କରୁଛନ୍ତି । ଫସଲ କ୍ଷୟକ୍ଷତିର ସୂଚନା ୭୨ଘଣ୍ଟା ମଧ୍ୟରେ ଏହି ଆପ୍ କିମ୍ବା ହେଲପଲାଇନ ନମ୍ବର ମାଧ୍ୟମରେ ପ୍ରଦାନ କରିବାକୁ ସମୟସୀମା ଧାର୍ଯ୍ୟ ହୋଇଛି ।

# ନନ୍ଦନକାନନ

ନନ୍ଦନକାନନ ପ୍ରାଣୀ ଉଦ୍ୟାନର ଆଜି ହେଉଛି ୬୫ତମ ପ୍ରତିଷ୍ଠା ଦିବସ। ପୂର୍ବତନ ପ୍ରଧାନମନ୍ତ୍ରୀ ଡକ୍ଟର ମନମୋହନ ସିଂହଙ୍କ ପରଲୋକ ହେତୁ ରାଷ୍ଟ୍ରୀୟ ଶୋକ ପାଳନ ଅବସରରେ ପ୍ରତିଷ୍ଠା ଦିବସ ପାଳନ କାର୍ଯ୍ୟକ୍ରମକୁ ସ୍ଥଗିତ ରଖାଯାଇଛି ବୋଲି ନନ୍ଦନକାନନ ଉପନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟରୁ ପକ୍ଷରୁ ସୂଚନା ଦିଆଯାଇଛି । ନନ୍ଦନକାନନ ପ୍ରାଣୀ ଉଦ୍ୟାନକୁ ଗତକାଲି

୩୩ହଜାର ୨୪୪ଜଣ ପର୍ଯ୍ୟଟକ ଆସିଥିଲେ ବୋଲି କାର୍ଯ୍ୟାଳୟ ସୂତ୍ରରୁ କୁହାଯାଇଛି ।

# ହକି

ହକି ଇଣ୍ଡିଆ ଲିଗ୍-୨୦୨୪-୨୫ ପ୍ରତିଯୋଗିତା ଗତ ସନ୍ଧ୍ୟାରେ ରାଉରକେଲାର ବିର୍ସାମୁଣ୍ଡା ଆନ୍ତର୍ଜାତିକ ହକି ଷ୍ଟାଡିୟମଠାରେ ଆରମ୍ଭ ହୋଇଛି । ପୁରୁଷ ବର୍ଗର ଏହି ଷଷ୍ଠ ସଂସ୍କରଣ ମ୍ୟାଚଗୁଡିକ ରାଉରକେଲା ଏବଂ ଝାଡଖଣ୍ଡର ରାଞ୍ଚିଠାରେ ଖେଳାଯିବ । ଉଦ୍‌ଘାଟନୀ ମ୍ୟାଚରେ ଦିଲ୍ଲୀ ଏସ.ଜି. ପାଇପର୍ସ ପେନାଲ୍‌ଟି ସୁଟଆଉଟ ଜରିଆରେ ଗୋନାସିକା ଦଳକୁ ୪-୨ଗୋଲରେ ପରାସ୍ତ କରିଛି । ଆସନ୍ତା ମାସ ୩୧ତାରିଖରେ ସେମି ଫାଇନାଲ ଏବଂ  ଫେବୃୟାରୀ ମାସ ପହିଲାରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ ।